# ଓଡିଶା ଲୋକସେବା ଅଧିକାର ନିୟମ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ





କେନ୍ଦୁଝର, ୨୫।୮: ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ସହଯୋଗରେ ଏବଂ ଜିଲ୍ଲାପାଳ ଆଶୀଷ ଠାକ୍‌ରେଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଚଳିତ ଅଗଷ୍ଟ ୨୫ତାରିଖ ଶନିବାର ଦିନ ଦରବାର ହଲ୍‌ଠାରେ ଓଡିଶା ଲେକସେବା ଅଧିକାର ଅଧିନିୟମ ଓ ନିୟମାବଳୀ ସଂପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଭକ୍ତଚରଣ ପ୍ରଧାନ ଏହି ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ଉଦ୍‌ବୋଧନ ଛଳରେ କହିଥିଲେ ଯେ ରାଜ୍ୟ ସରକାର ସ୍ୱଚ୍ଛ ଓ ଉତରଦାୟୀ ପ୍ରଶାସନ ପ୍ରତିଷ୍ଠା ପାଇଁ ଉଲ୍ଲେଖନୀୟ ପଦକ୍ଷେପ ନେଉଛନ୍ତି । ଅନେକ ଜନକଲ୍ୟାଣକାରୀ ଯୋଜନା ପ୍ରବର୍ତିତ ହେଉଛି । କେତେକ ସରକାରୀ ଯୋଜନା/କାର୍ଯ୍ୟକ୍ରମକୁ ନିର୍ଦ୍ଧାରିତ କରି ଜନସାଧାରଣଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେବା ଯୋଗାଇ ଦେବା ପାଇଁ ଓଡିଶାର ଲୋକସେବା ଅଧିକାର ଅଧିନିୟମ ଏବଂ ଓଡିଶା ଲୋକସେବା ଅଧିକାର ନିୟମାବଳୀ ପ୍ରଣୟନ କରିଛନ୍ତି । ଜନସେବକ ଭାବେ ପ୍ରାଧିକୃତ ଅଧିକାରୀମାନଙ୍କର ଉତରଦାୟିତ୍ୱ ବୃଦ୍ଧି ପାଇଛି । ଏଣୁ ଓଡିଶା ଲୋକସେବା ଅଧିକାର ଅଧିନିୟମ ଏବଂ ନିୟମାବଳୀ ସଂପର୍କରେ ସମସ୍ତେ ଭଲ ଭାବେ ଅଭ୍ୟସ୍ତ ହେବା ଏକାନ୍ତ ଆବଶ୍ୟକ ବୋଲି ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରଧାନ କହିଥିଲେ । ଏହାପରେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗର ସିନିୟର ପ୍ରୋଗ୍ରାମ ଅଫିସର ରାଜକିଶୋର ପଟ୍ଟନାୟକ,ସିନିୟର ସଫ୍ଟୱେର ଇଞ୍ଜିନିୟର ସୁରେନ୍ଦ୍ର କୁମାର ସାହୁ ଏବଂ ଡିଆଇଓ ଏନ୍‌ଆଇସି ଅଜୟ କୁମାର ମହାପାତ୍ର, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ନିରଂଜନ ଜେନା ପ୍ରମୁଖ ପାୱାରପଏଂଟ ପ୍ରେଜେଂଟେସନ ମାଧ୍ୟମରେ ଓଡିଶା ଲୋକସେବା ଅଧିକାର ଅଧିନିୟମ ଓ ନିୟମାବଳୀ ସଂପର୍କରେ ବିଶଦ ଭାବେ ପ୍ରଶିକ୍ଷଣ ଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ କେନ୍ଦୁଝର ଜିଲ୍ଲାର ଓଡିଶା ଲୋକସେବା ଅଧିକାର ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟାଳୟର ପ୍ରାଧିକୃତ ଅଧିକାରୀମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସଂଜୀବ ବାରିକ ସ୍ୱାଗତଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଜିଲ୍ଲା କାର୍ଯ୍ୟାଳୟର ସାଧାରଣ ଓ ବିବିଧ ଉପବିଭାଗର ଆସିଷ୍ଟାଣ୍ଟ କଲେକ୍ଟର ଶିବବ୍ରତ ତ୍ରିପାଠୀ,ହେଡକ୍ଲର୍କ ଜୟଗୋବିନ୍ଦ ମିଶ୍ର,ସିଏମଜିଆଇର ଜିଲ୍ଲା ସଂଯୋଜିକା ସ୍ମୃତିରେଖା ସାହୁ,ଟ୍ରେନିଂ ସଂଯୋଜକ ହିତେନ୍ଦ୍ର ମହାପାତ୍ର,କର୍ମଚାରୀ ରଶ୍ମିରାଣୀ ବାରିକ,ଚିନ୍ମୟୀ ପୋଇତାଲ,ସତ୍ୟବତୀ ଲାଗୁରୀ,ପ୍ରଭାତେନ୍ଦୁ ନାଏକ,ରମେଶ ଚନ୍ଦ୍ର ସାହୁ,ଗୌରାଙ୍ଗ ଚରଣ ଜେନା ପ୍ରମୁଖ ଶିବିର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

ସ୍ୱା/- ତା ୨୫/୦୮/୨୦୧୮

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କେନ୍ଦୁଝର